# ହସଖେଳ

(ଦ୍ୱିତୀୟ ଭାଗ)

## ପ୍ରଥମ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ହସଖେଳ

(ଦ୍ୱିତୀୟ ଭାଗ)

## ପ୍ରଥମ ଶ୍ରେଣୀ

(ଭାଷା, ଗଣିତ ଓ ପରିବେଶ ଅଧ୍ୟୟନର ସମନ୍ୱିତ ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)

ସର୍ବ ଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ
ଓଡ଼ିଶା, ଭୁବନେଶ୍ୱର

# ହସଖେଳ

(ଦ୍ୱିତୀୟ ଭାଗ)

## ପ୍ରଥମ ଶ୍ରେଣୀ


**ଲେଖକ ମଣ୍ଡଳୀ:**

ଡକ୍ଟର ଚକ୍ରଧର ବିଶ୍ୱାଳ
ଶ୍ରୀ ନୀଳମାଧବ ପରିଛା
ଶ୍ରୀ ପ୍ରଶାନ୍ତ କୁମାର ରଥ
ଶ୍ରୀ ପ୍ରମୋଦ କୁମାର ମଲ୍ଲିକ

**ସମୀକ୍ଷକ:**

ଶ୍ରୀ ନରେଶ ଚନ୍ଦ୍ର ପଣ୍ଡା
ଶ୍ରୀ ନୀଳମାଧବ ପରିଛା

**ସଂଯୋଜିକା:**

ପ୍ରୀତିଲତା ଜେନା



**ପ୍ରକାଶକ:**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

**ଦ୍ୱିତୀୟ ମୁଦ୍ରଣ ବର୍ଷ : ୨୦୧୦**
2011

**ପ୍ରସ୍ତୁତି:**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର



# ସର୍ବ ଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁଯେଉଁ ଭେଟି ଦେଉଅଛି ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧୀ

# ଆମ ଜାତୀୟ ସଙ୍ଗୀତ

''ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।''

ଆମେ ଏପର୍ଯ୍ୟନ୍ତ ଚ, ଟ, ମ, ର, ଗ, ଞ, କ, ନ, ପ, ଆ, ଠ, ବ, ଳ, ଲ, ଅ, ଖ, ଛ, ଣ, ତ, ଦ, ଜ, ଡ, ଢ, ଧ, ଶ, ଷ, ସ, ହ, ଇ, ଉ, ଘ, ଭ, ଯ, ୟ ଅକ୍ଷରଗୁଡ଼ିକ ଶିଖିଲେ ।

ଓଡ଼ିଆ ବର୍ଣ୍ଣମାଳାରେ ଏହି ଅକ୍ଷରଗୁଡ଼ିକ ଅ, ଆ, ଇ, ଉ, କ, ଖ, ଗ, ଘ, ଚ, ଛ, ଜ, ଞ, ଟ, ଠ, ଡ, ଢ, ଣ, ତ, ଦ, ଧ, ନ, ପ, ବ, ଭ, ମ, ଯ, ୟ, ର, ଳ, ଲ, ଶ, ଷ, ସ, ହ କ୍ରମରେ ରହନ୍ତି ।

# ସୂଚୀପତ୍ର


| ପାଠ ନଂ. | ବିଷୟ | ପୃଷ୍ଠା |
|---|---|---|
| ୧୪. | ମନ ବଦଳିଲା | ୯୬ |
| ୧୫. | ଶଙ୍ଖୀ ବିଲେଇର ଶଙ୍ଖା | ୧୦୩ |
| ୧୬. | ନଈବଢ଼ି | ୧୧୨ |
| ୧୭. | ନେଉଳର ଘରତୋଳା | ୧୧୯ |
| ୧୮. | ବରଷା | ୧୨୫ |
| ୧୯. | ହନୁର କଦଳୀଖିଆ | ୧୩୨ |
| ୨୦. | ମୂଷିକ ରାଜା | ୧୩୯ |
| ୨୧. | ପଳା ପଳା, ପୃଥିବୀ ଫାଟିଲା | ୧୪୪ |
| ୨୨. | ୱିକେଟ୍ ଉଡ଼ିଗଲା | ୧୫୦ |
| ୨୩. | କାଞ୍ଚନର ପାଞ୍ଚକଥା | ୧୫୭ |
| ୨୪. | ଏଡ଼େ ଏଡ଼େ ବଡ଼ | ୧୬୪ |
| ୨୫. | ଖଞ୍ଜଣି ବାଜାର ମଜା | ୧୭୦ |
| ୨୬. | ତଣ୍ଟିରେ ଲାଗିଛି କଣ୍ଟା | ୧୭୬ |
| ୨୭. | ଝିଅ ହେବ ତ ଏମିତି | ୧୮୩ |
| ୨୮. | ରତ୍ନାକରର ଜନ୍ମଦିନ | ୧୯୦ |

ପାଠ-୧୪

# ମନ ବଦଳିଲା

ଫଗୁଣ ମାସ । ଭାରି ଖରା । ଫୁଲ, ଫଳ ଭରା ବଣ । ଶିକାରୀଟିଏ ଧନୁଶର ଧରି ବଣକୁ ପଶିଲା । ବୁଲିବୁଲି ଥକି ପଡ଼ିଲା । ଶିକାରଟିଏ ପାଇଲା ନାହିଁ । ତାକୁ ଭାରି ଶୋଷ ହେଲା । ଦେହ ହାତ ଥରଥର ହେଲା । କଇଥ ଗଛ ତଳେ କଚାଡ଼ି ହୋଇ ପଡ଼ିଲା ।





ଶିକାରୀକୁ ଦେଖି ହାତୀ ମନରେ ଦୟା ଆସିଲା । ପାଣି ଆଣି ତା' ଦେହଯାକ ପିଚିକାରୀ କଲା । ଶିକାରୀ ଚେତା ଫେରି ପାଇଲା । ହାତୀ ଆଡ଼କୁ ଚାହିଁଲା । ହାତୀକୁ ଦେଖି ତା'ର ମନ ବଦଳି ଗଲା । ସେ ଧନୁଶର ଫୋପାଡ଼ି ଦେଲା ।



# ଅଭ୍ୟାସ

୧. ଆସ କହିବା ।

କ) ଶିକାରୀର ଦେହହାତ କ'ଣ ହେଲା ?

ଖ) ସେ କେଉଁ ଗଛମୂଳେ ପଡ଼ିଗଲା ?

ଗ) ଶିକାରୀ କାହିଁକି ଧନୁଶର ଫୋପାଡ଼ି ଦେଲା ?

୨.










ଉପର ଚକ୍ରି ମଧ୍ୟରେ ଥିବା ଅକ୍ଷରଗୁଡ଼ିକ କେଉଁ କେଉଁ ଶବ୍ଦରେ ଅଛି ଗାର ଟାଣି ଯୋଡ଼ିବା ।



୩. ଅକ୍ଷରଗୁଡ଼ିକୁ ସଜାଡ଼ି କହିବା ।



**ଥଇକ, ଲଫଁସ, ଲଫଁ, ରଶ, ଥର, ଳିଥା**

୪. କ) ବଣ ନ ଥିଲେ ଆମର କ'ଣ ଅସୁବିଧା ହୁଅନ୍ତା ?

ଖ) ତୁମ ଘର ପାଖରେ କି କି ଫୁଲ ଓ ଫଳ ଗଛ ଅଛି ?

୫. କ) ଖାଲି ଘରେ ସଂଖ୍ୟା ଲେଖିବା ।

୭ଟି  -୧ଟି  = ☐ ଟି କମଳା









୫ଟି  -୧ଟି  = ☐ ଟି ଆତ

୩ଟି  -୧ଟି  = ☐ ଟି କଲମ

ଖ) ଛବି କରି ଦେଖିବା ।

୮ଟି ପେନ୍‌ସିଲ  -୧ଟି ପେନ୍‌ସିଲ  = ☐ ଟି ପେନ୍‌ସିଲ

୬.

| | |
|---|---|
| ୯ ଜଣ |  |
| ୮ ଜଣ |  |
| ୭ ଜଣ |  |
| ୬ ଜଣ |  |
| ୫ ଜଣ |  |
| ୪ ଜଣ |  |
| ୩ ଜଣ |  |
| ୨ ଜଣ |  |
| ୧ ଜଣ |  = ୦ ଶୂନ ପିଲା |

କେମିତି ଲେଖିବା–

୯ ଜଣ ପିଲାଙ୍କ ମଧ୍ୟରୁ ୧ଜଣ ଗଲା ପରେ ରହିଲେ ୮ଜଣ ।

୯ ଜଣ - ୧ ଜଣ = ୮ ଜଣ

ସେହିପରି, ୮ ଜଣ - ୧ ଜଣ = ୭ ଜଣ

୭. ଏହିପରି ଲେଖିବା ।


ଶ

ଥ

ଫ

୮. କ) ଯଦି ଗୋଟିଏ ହାତୀଛୁଆ ତୁମ ଘରକୁ ଆସେ, ତୁମେ କ'ଣ କରିବ ?

ଖ) ଖଡ଼ିକାରେ ଧନୁଶର ତିଆରି କରି ଆଣି ଦେଖାଅ ।



## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗପଟିକୁ ପିଲାମାନଙ୍କୁ ଅଙ୍ଗଭଙ୍ଗୀ ସହ କହିବେ। କହିଲାବେଳେ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନିବା ଉପରେ ଗୁରୁତ୍ୱ ଦେବେ।
- ଚିତ୍ରଗୁଡ଼ିକ ଉପରେ ଆଲୋଚନା କରିବେ।
- ଅଭ୍ୟାସ କାର୍ଯ୍ୟ ୧ରେ ଦିଆଯାଇଥିବା ପ୍ରଶ୍ନ ବ୍ୟତୀତ ଅଧିକ ଛୋଟ ଛୋଟ ପ୍ରଶ୍ନ ଉପରେ ଆଲୋଚନା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୪ (କ) ଓ (ଖ) ରେ ପ୍ରତ୍ୟେକ ପିଲାଙ୍କୁ କହିବାର ସୁଯୋଗ ଦିଆଯିବ। ଘର ପାଖରେ ଥିବା ଫଳ, ଫୁଲ ଉପରେ ଆଲୋଚନା ନିହାତି କରାଯିବ।
- ଅଭ୍ୟାସ କାର୍ଯ୍ୟ ୫ରେ ବହିକାମ ସହ ବସ୍ତୁକୁ ନେଇ ବିୟୋଗ କାମ ଶ୍ରେଣୀରେ କରାଯିବ। ଏହି କାର୍ଯ୍ୟ ସମୟରେ ଲେଖିବା ଉପରେ ଗୁରୁତ୍ୱ ଦେବେ। ଏହି ସମୟରେ ସିଲଟ, କଳାପଟା ଓ ଚଟାଣରେ ସଂଖ୍ୟା ବିୟୋଗ ଉପରେ କାମ କରାଯିବ।
- ଅଭ୍ୟାସ କାର୍ଯ୍ୟ ୭ର ଅକ୍ଷର ଲିଖନ କାର୍ଯ୍ୟ ପାଇଁ ସିଲଟ, କଳାପଟା ଓ କାନ୍ଥକଳାପଟାରେ କରାଇବା ଆବଶ୍ୟକ।
- ଏହି ପାଠ ପାଇଁ ଅନ୍ୟୂନ ୧୯ଟି ପିରିଅଡ୍ ଲାଗିବ। ଏହି ପାଠରେ ଶ, ଥ, ଫ ଅକ୍ଷର ଚିହ୍ନଟ, ପଠନ ଓ ଲିଖନ, ଚିତ୍ର ବିଷୟରେ ଆଲୋଚନା, ୯ ମଧ୍ୟରେ ବିୟୋଗ, ୧ ର କ୍ରମିକ ବିୟୋଗ ବିଷୟରେ ଧାରଣା, ଶୂନ '୦'ର ଧାରଣା, ସୃଜନାତ୍ମକ ଚିନ୍ତନ ଓ ହସ୍ତକର୍ମ ଇତ୍ୟାଦି ଉପରେ ଧାରଣା ଆଧାରିତ ଦକ୍ଷତା ବିକାଶ ହେବା ଆବଶ୍ୟକ।